This Question Paper consists of 36 questions and 11 printed pages.
ଏହି ପ୍ରଶ୍ନପତ୍ରରେ ମୋଟ 36ଟି ପ୍ରଶ୍ନ ଅଛି ଏବଂ 11 ମୁଦ୍ରିତ ପୃଷ୍ଠା ଅଛି।

**Code No.** / କୋଡ୍ ନମ୍ବର **65/S/A/OR**

Roll No. / ରୋଲ୍ ନମ୍ବର | | | | | | | | | | | | |

**Set /** ସେଟ୍ **A**

# HOME SCIENCE
# ଗୃହ ବିଜ୍ଞାନ
# ( 216-OR )

Day and Date of Examination ..........................................................................
(ପରୀକ୍ଷା ତାରିଖ ଓ ଦିନ)

Signature of Invigilators 1. ..........................................................................
(ନିରୀକ୍ଷକଙ୍କ ସ୍ୱାକ୍ଷର)

2. ..........................................................................

***General Instructions*** **:**

1. Candidate must write his/her Roll Number on the first page of the Question Paper.
2. Please check the Question Paper to verify that the total pages and total number of questions contained in the Question Paper are the same as those printed on the top of the first page. Also check to see that the questions are in sequential order.
3. For the objective-type questions, you have to choose any **one** of the four alternatives given in the question, i.e., (A), (B), (C) or (D) and indicate your correct answer in the Answer-Book given to you.
4. All the questions including objective-type questions are to be answered within the allotted time and no separate time limit is fixed for answering objective-type questions.
5. Making any identification mark in the Answer-Book or writing Roll Number anywhere other than the specified places will lead to disqualification of the candidate.
6. Write your Question Paper Code No. 65/S/A/OR, Set A on the Answer-Book.
7. The Question Paper is bilingual. In case of doubt, the English version should be considered as authentic.

**ପରୀକ୍ଷାର୍ଥୀଙ୍କ ପାଇଁ ବିଶେଷ ସୂଚନା :**

1. ଏହି ପ୍ରଶ୍ନ ପତ୍ରର ଉପରେ ଥିବା ଯଥା ସ୍ଥାନରେ ତୁମର ରୋଲ୍ ନମ୍ବର ଲେଖ। (ଗୋଟିଏ କୋଠରିରେ କେବଳ ଗୋଟିଏ ଅଙ୍କ ରହିବ)

2. ପ୍ରଶ୍ନ ପତ୍ର ପାଇବା କ୍ଷଣି ସେଥିରେ ଥିବା ମୋଟ ପୃଷ୍ଠା ସଂଖ୍ୟା ଏବଂ ମୋଟ ପ୍ରଶ୍ନ ସଂଖ୍ୟା ଏହି ପୃଷ୍ଠାର ଉପରେ ଲେଖା ଯାଇଥିବା ସଂଖ୍ୟା ସହ ଠିକ୍ ଅଛି କି ନାହିଁ ଦେଖିନିଅ। ପ୍ରଶ୍ନଗୁଡ଼ିକ କ୍ରମାନ୍ୱୟରେ ଅଛି କି ନାହିଁ ଦେଖ।

3. ବସ୍ତୁନିଷ୍ଠ ପ୍ରଶ୍ନରେ (A), (B), (C) ଓ (D) ଭାବେ ଚାରୋଟି ବିକଳ୍ପ ଉତ୍ତର ଅଛି। ସେଥି ମଧ୍ୟରୁ ଠିକ୍ ଉତ୍ତରଟିକୁ ବାଛି ତୁମକୁ ଦିଆଯାଇଥିବା ଉତ୍ତର ଖାତାରେ ଲେଖ।

4. ବସ୍ତୁନିଷ୍ଠ ପ୍ରଶ୍ନଗୁଡ଼ିକୁ ମିଶାଇ ସମସ୍ତ ପ୍ରଶ୍ନର ଉତ୍ତର ନିର୍ଦ୍ଧାରିତ ସମୟ ଅବଧି ମଧ୍ୟରେ କରିବାକୁ ହେବ ଏବଂ ବସ୍ତୁନିଷ୍ଠ ପ୍ରଶ୍ନଗୁଡ଼ିକର ଉତ୍ତର କରିବାପାଇଁ ଅଲଗା ସମୟ ଦିଆଯିବ ନାହିଁ।

5. ଉତ୍ତର ଖାତାରେ କୌଣସି ସଂକେତ ଲେଖିଲେ କିମ୍ବା ଦର୍ଶାଯାଇଥିବା ସ୍ଥାନ ବ୍ୟତୀତ ଅନ୍ୟ କେଉଁଠି ରୋଲ୍ ନମ୍ବର ଲେଖିଲେ ତୁମକୁ ଅଯୋଗ୍ୟ କରାଯିବ।

6. ଏହି ପ୍ରଶ୍ନପତ୍ରର ଉପରେ ଲେଖାଯାଇଥିବା କୋଡ୍ ନମ୍ବର 65/S/A/OR ସେଟ୍ [A] ତୁମକୁ ଦିଆଯାଇଥିବା ଉତ୍ତରଖାତାର ଯଥା ସ୍ଥାନରେ ଲେଖ।

7. ଏହି ପ୍ରଶ୍ନପତ୍ର ଦୁଇ ଭାଷାରେ ଉପଲବ୍ଧ। କୌଣସି ପରିସ୍ଥିତିରେ ସନ୍ଦେହ ହେଲେ ଇଂରାଜୀ ରୂପାନ୍ତରକୁ ମାନ୍ୟ ବିବେଚନା କରାଯିବ।

# HOME SCIENCE

# ଗୃହ ବିଜ୍ଞାନ

# ( 216-OR )

Time : 2½ Hours ] [ Maximum Marks : 85

ସମୟ : 2½ ଘଣ୍ଟା ] [ ସର୍ବାଧିକ ମୂଲ୍ୟାଙ୍କ : 85

*Note* : (i) **All** questions are compulsory.

(ii) Marks are indicated against each question.

**ସୂଚନା** : (i) **ସମସ୍ତ** ପ୍ରଶ୍ନ ବାଧ୍ୟତାମୂଳକ ଅଟେ।

(ii) ପ୍ରତ୍ୟେକ ପ୍ରଶ୍ନର ଡାହାଣ ପାଖରେ ସେହି ପ୍ରଶ୍ନର ମୂଲ୍ୟାଙ୍କ ଦିଆଯାଇଛି।

**1.** What is the incubation period of pertussis? 1

(A) 7 to 12 days

(B) 1 to 3 days

(C) 4 to 6 days

(D) 1 to 5 days

ପର୍ଟୁସିସର ଉଷ୍ମାୟନ ସମୟ କେତେ?

(A) 7 ରୁ 12 ଦିନ

(B) 1 ରୁ 3 ଦିନ

(C) 4 ରୁ 6 ଦିନ

(D) 1 ରୁ 5 ଦିନ

**2.** Which of the following diseases does not spread through unsafe drinking water? 1

(A) Hepatitis

(B) Cholera

(C) AIDS

(D) Typhoid

ଏହା ମଧ୍ୟରୁ କେଉଁ ରୋଗ ଅସୁରକ୍ଷିତ ପାନୀୟ ଜଳ ଯୋଗୁଁ ହୁଏ ନାହିଁ?

(A) ଯକୃତ୍ ପ୍ରଦାହ

(B) ହଇଜା

(C) ଏଡ୍‌ସ

(D) ଟାଇଫଏଡ୍

**3.** Which of the following is not an example of labour-saving device? 1

(A) Mixer

(B) Table fan

(C) Washing machine

(D) Vacuum cleaner

ଏହା ମଧ୍ୟରୁ କିଏ ଶ୍ରମସଂରକ୍ଷଣ ଉପକରଣର ଉଦାହରଣ ନୁହେଁ?

(A) ମିକ୍ସର

(B) ଟେବୁଲ ପଙ୍ଖା

(C) ଲୁଗାଧୁଆ ଯନ୍ତ୍ର

(D) ଭାକ୍ୟୁମ୍ କ୍ଲିନର୍

**4.** What do you mean by regularity? 1

(A) Respecting everyone in office

(B) Not being absent

(C) Respecting all jobs equally

(D) Keeping a check on anger

ନିୟମିତତା କହିଲେ ତୁମେ କ'ଣ ବୁଝନ୍ତି?

(A) କାର୍ଯ୍ୟାଳୟରେ ସମସ୍ତଙ୍କୁ ସମ୍ମାନ କରିବା

(B) ଅନୁପସ୍ଥିତ ନହେବା

(C) ସମସ୍ତ କାର୍ଯ୍ୟକୁ ସମାନଭାବେ ସମ୍ମାନ କରିବା

(D) କ୍ରୋଧ ସମ୍ବରଣ କରିବା

**5.** Sugar helps in preservation as it dissolves in water and

(A) reduces water available for microorganisms

(B) makes the food sweet

(C) forms a layer on food

(D) lowers the acids in food 1

ଚିନି ସଂରକ୍ଷଣରେ ସାହାଯ୍ୟ କରେ ଯେହେତୁ ଏହା ଜଳରେ ଦ୍ରବୀଭୂତ ହୁଏ ଏବଂ

(A) ସୂକ୍ଷ୍ମଜୀବମାନଙ୍କ ପାଇଁ ଉପଲବ୍ଧ ଜଳକୁ ହ୍ରାସ କରିଥାଏ

(B) ଖାଦ୍ୟକୁ ମଧୁର କରିଥାଏ

(C) ଖାଦ୍ୟ ଉପରେ ଗୋଟିଏ ପରସ୍ତ ତିଆରି କରେ

(D) ଖାଦ୍ୟରେ ଅମ୍ଳକୁ ହ୍ରାସ କରିଥାଏ

**6.** Which weave is formed when one weft yarn moves over two and under one warp yarn and produces diagonal lines on the surface? 1

(A) Plain (B) Twill

(C) Satin (D) Basket

କେଉଁ ପ୍ରକାର ଲୁଗା ବୁଣାଯାଏ, ଯେତେବେଳେ ଗୋଟିଏ ଭରଣୀ ଲୁଗାବୁଣା ସୂତା, ଦୁଇଟି ଲମ୍ବବାଗରେ ଟଣାସୂତା ଉପରେ ଓ ଗୋଟିଏ ଲମ୍ୱାବାଗରେ ଟଣାସୂତା ତଳେ ଚ଼ଳାଇ ବୁଣାଯାଏ ଓ ପୃଷ୍ଠ ଉପରେ ତୀର୍ଯକ ରେଖାମାନ ତିଆରି କରେ?

(A) ପ୍ଲେନ (B) ଟ୍ୱିଲ

(C) ସାଟିନ୍ (D) ବାସ୍କେଟ୍

**7.** Rearrange the correct procedure of giving first aid in case of unconsciousness. 1

*(i)* Sprinkle water on face

*(ii)* Take victim in fresh air

*(iii)* Rub hands and feet

*(iv)* Make victim lie on side

(A) *(ii), (i), (iv), (iii)*

(B) *(i), (iv), (ii), (iii)*

(C) *(iii), (ii), (i), (iv)*

(D) *(iv), (ii), (iii), (i)*

ସଂଜ୍ଞାହୀନ ଅବସ୍ଥାର ପ୍ରାଥମିକ ଉପଚାର ଦେବା ପାଇଁ ସଠିକ୍ ପ୍ରକ୍ରିୟାକୁ ପୁନଃସଜ୍ଜୀକରଣ କର।

*(i)* ମୁହଁ ଉପରେ ପାଣି ଛିଞ୍ଚିବା

*(ii)* ପୀଡିତକୁ ବିଶୁଦ୍ଧ ବାୟୁ ଚଳାଚଳ ସ୍ଥାନକୁ ନେବା

*(iii)* ହାତ ଓ ପାଦକୁ ଘସିବା

*(iv)* ପୀଡିତକୁ କଡଲେଉଟାଇ ଶୁଆଇବା

(A) *(ii)*, *(i)*, *(iv)*, *(iii)*

(B) *(i)*, *(iv)*, *(ii)*, *(iii)*

(C) *(iii)*, *(ii)*, *(i)*, *(iv)*

(D) *(iv)*, *(ii)*, *(iii)*, *(i)*

**8.** Meena wants to go for a picnic. Rearrange the correct sequence of its management process. 1

*(i)* Call friends who want to go

*(ii)* Cook and pack food

*(iii)* Distribute work among friends

*(iv)* Check everything packed

(A) *(ii)*, *(i)*, *(iii)*, *(iv)*

(B) *(i)*, *(iv)*, *(ii)*, *(iii)*

(C) *(i)*, *(iii)*, *(ii)*, *(iv)*

(D) *(iv)*, *(ii)*, *(iii)*, *(i)*

ମୀନା ବଣଭୋଜିରେ ଯିବାକୁ ଚାହେଁ। ଏହାର ପରିଚାଳନାର ସଠିକ୍ କ୍ରମ ପୁନଃସଜ୍ଜୀକରଣ କର।

*(i)* ଯେଉଁ ବନ୍ଧୁମାନେ ଯିବାକୁ ଚାହାନ୍ତି ସେମାନଙ୍କୁ ଡାକ

*(ii)* ଭୋଜନ ସାମଗ୍ରୀ ପ୍ରସ୍ତୁତ କରି ପ୍ୟାକ୍ କର

*(iii)* ବନ୍ଧୁମାନଙ୍କ ମଧ୍ୟରେ କାର୍ଯ୍ୟଗୁଡ଼ିକୁ ବାଣ୍ଟିଦିଅ

*(iv)* ପ୍ୟାକ କରିଥିବା ସମସ୍ତ ବସ୍ତୁମାନଙ୍କୁ ଯାଞ୍ଚ କରିନିଅ

(A) *(ii), (i), (iii), (iv)*

(B) *(i), (iv), (ii), (iii)*

(C) *(i), (iii), (ii), (iv)*

(D) *(iv), (ii), (iii), (i)*

**9.** List any *four* functions of fats. 2

ସ୍ନେହସାରର ଯେକୌଣସି **ଚାରୋଟି** କାର୍ଯ୍ୟର ସୂଚୀ ତିଆରି କର।

**10.** Write any *four* symptoms of iodine deficiency. 2

ଆୟୋଡିନ ଅଭାବର **ଚାରୋଟି** ଲକ୍ଷଣ ଲେଖ।

**11.** Describe the sponging technique used to remove stains from garments. 2

ଲୁଗା ଉପରୁ ଦାଗ ଛଡାଇବା ପାଇଁ ସ୍ପଞ୍ଜିଂ କୌଶଳର ବର୍ଣ୍ଣନା କର।

**12.** Which *four* points will you keep in mind while making a time plan? 2

ସମୟ ଯୋଜନା ତିଆରି କଲାବେଳେ ତୁମେ କେଉଁ **ଚାରୋଟି** ବିଷୟ ଉପରେ ଧ୍ୟାନ କେନ୍ଦ୍ରିତ କରିବ?

**13.** Encourage pregnant women to get medical checkup done by telling them *four* advantages. 2

**ଚାରୋଟି** ଉପାଦେୟତା ବତାଇ ଗର୍ଭବତୀ ମହିଳାଙ୍କୁ ଡାକ୍ତରୀ ଯାଞ୍ଚ ପାଇଁ ପ୍ରୋତ୍ସାହିତ କର।

**14.** Tell any *four* buying tips to the consumers. 2

ଉପଭୋକ୍ତାଙ୍କୁ କ୍ରୟ ନିମିତ୍ତ ଯେକୌଣସି **ଚାରୋଟି** ଉପଦେଶ ପ୍ରଦାନ କର।

**15.** Give any *four* reasons for planning meals for a joint family. 2

ଗୋଟିଏ ଯୌଥ ପରିବାରର ଖାଦ୍ୟ ଯୋଜନା ତିଆରି କରିବାର ଯେକୌଣସି **ଚାରୋଟି** କାରଣ ଦର୍ଶାଅ।

**16.** Ritu wants to buy a mixer for her house. Which *two* human and *two* non-human resources would she use to fulfill this goal? 2

ରିତୁ ତା ଘର ପାଇଁ ଗୋଟିଏ ମିକ୍ସର କିଣିବାପାଇଁ ଚାହେଁ। ସେ ଏହି ଲକ୍ଷ୍ୟ ପୂରଣ ପାଇଁ କେଉଁ **ଦୁଇଟି** ମାନବୀୟ ଓ **ଦୁଇଟି** ଅଣ-ମାନବୀୟ ସଂସାଧନର ଉପଯୋଗ କରିବ?

**17.** Give any *four* suggestions to your siblings to reduce their expenses. 2

ନିଜ ଭାଇ ଓ ଭଉଣୀଙ୍କୁ ସେମାନଙ୍କ ଖର୍ଚ୍ଚ କମ କରିବାକୁ ଯେକୌଣସି **ଚାରିଗୋଟି** ପ୍ରସ୍ତାବ ଦିଅ।

**18.** Convince the women to breast-feed their babies by telling them *four* disadvantages of bottle-feeding. 2

ମହିଳାମାନଙ୍କୁ ବୋତଲଦୁଧ ପିଆଇବାର **ଚାରୋଟି** ଅପକାରିତା ବିଷୟରେ ଅବଗତ କରାଇ ପିଲାମାନଙ୍କୁ ସ୍ତନ୍ୟପାନ କରାଇବାପାଇଁ ବୁଝାଅ।

**19.** Suggest *four* ways to oppose gender discrimination at home. 2

ଘରେ ଲିଙ୍ଗଗତ ଭେଦଭାବକୁ ବିରୋଧ କରିବାପାଇଁ **ଚାରୋଟି** ଉପାୟ ବତାଅ।

**20.** What are *four* problems faced by consumers regarding measures? 2

ଖାଉଟିମାନେ ସମ୍ମୁଖୀନ ହେଉଥିବା **ଚାରୋଟି** ମାପ ସମ୍ବନ୍ଧୀୟ ସମସ୍ୟାଗୁଡ଼ିକ କ'ଣ?

**21.** Your sister has done her post-graduation in the field of interior decoration. For the past five years, she is unable to get a job. Suggest her *four* ways she can start earning money from home in this field. 2

ଆପଣଙ୍କ ଭଉଣୀ ଆଭ୍ୟନ୍ତରୀଣ ସାଜସଜ୍ଜା କ୍ଷେତ୍ରରେ ସ୍ନାତକୋତ୍ତର ଉପାଧି ପ୍ରାପ୍ତ। ଗତ ପାଞ୍ଚବର୍ଷ ଧରି ତାଙ୍କୁ କୌଣସି ନିଯୁକ୍ତି ମିଳି ପାରିନାହିଁ। ତାଙ୍କୁ **ଚାରି** ପ୍ରକାରର ଉପାୟ ବତାଅ ଯେପରିକି ସେ ଘରୁ ରୋଜଗାର ଆରମ୍ଭ କରିପାରିବେ।

**22.** Convince people not to defecate in open by telling them *four* harmful effects of soil pollution. 2

ମୃତ୍ତିକା ପ୍ରଦୂଷଣର **ଚାରୋଟି** କ୍ଷତିକାରକ ପ୍ରଭାବ ବତାଇ ବାହାରେ ଶୌଚ୍ ନକରିବାକୁ ଲୋକମାନଙ୍କୁ ପ୍ରବର୍ତ୍ତାଅ।

**23.** Your brother wants to remove wrinkles from the cotton fabrics in his new mill. Describe the finish he should use for this. Also tell *two* other advantages of this finish. 2

ଆପଣଙ୍କ ଭାଇ ତାଙ୍କର ନୂଆ ଲୁଗା କାରଖାନାରେ ସୂତାକନାରୁ କୁଞ୍ଚ ହଟାଇବାକୁ ଚାହାନ୍ତି। ଏଥିପାଇଁ ତାଙ୍କୁ କେଉଁ ସମ୍ପାଦନ ପ୍ରଣାଳୀର ଉପଯୋଗ କରିବାକୁ ପଡିବ, ତା'ର ବର୍ଣ୍ଣନା କର। ଏହି ସମ୍ପାଦନ ପ୍ରଣାଳୀର ଅନ୍ୟ **ଦୁଇଟି** ଉପକାରିତା ବିଷୟରେ ଉଲ୍ଲେଖ କର।

**24.** Compare the characteristics of cotton and nylon fibers. 3

କାର୍ପାସ ଓ ନାଇଲନ୍ ତନ୍ତୁର ବିଶେଷତାଗୁଡ଼ିକର ତୁଳନା କର।

**25.** Write any *three* myths and facts regarding nocturnal emissions. 3

ନିଶାଚର ଉତ୍ସର୍ଜନ ବିଷୟରେ କୌଣସି **ତିନୋଟି** ମିଥ୍ୟା ଧାରଣା ଓ **ତିନୋଟି** ସତ୍ୟ ବିଷୟରେ ଉଲ୍ଲେଖ କର।

**26.** Shambhu is making his new house. Which *six* crucial features he should keep in mind while making the kitchen? 3

ଶମ୍ଭୁ ତା'ର ନିଜ ନୂଆ ଘର ତିଆରି କରୁଛି। ସେ ରୋଷେଇଘର ତିଆରି କରିବାବେଳେ କେଉଁ **ଛଅଗୋଟି** ମହତ୍ତ୍ୱପୂର୍ଣ୍ଣ ବିଷୟରେ ଧ୍ୟାନ ଦେବା ଉଚିତ୍?

**27.** Your nephew is often forced by his friends to take alcohol. Suggest him *six* ways to be assertive and say no without feeling guilty. 3

ଆପଣଙ୍କ ଭଣଜାକୁ ପ୍ରାୟ ସବୁବେଳେ ତା'ର ବନ୍ଧୁମାନେ ମଦ୍ୟପାନ କରିବାକୁ ବାଧ କରନ୍ତି। ତାକୁ ସ୍ପଷ୍ଟଭାବେ ପ୍ରତିବାଦ କରିବାକୁ ଓ ନିଜକୁ ଦୋଷୀ ମନେ ନକରି ନା କହିବାକୁ **ଛଅଗୋଟି** ଉପାୟ ବତାଅ।

**28.** As a manager in the company, you have noticed a gradual reduction of values in the staff members. Make a *six*-point checklist of expected values and put up on the display board of the office. 3

ଗୋଟିଏ କମ୍ପାନୀର ପ୍ରବନ୍ଧକଭାବେ ଆପଣ କର୍ମଚାରୀମାନଙ୍କ ମଧ୍ୟରେ ମୂଲ୍ୟବୋଧର କ୍ରମହ୍ରାସ ଅନୁଭବ କରିଛନ୍ତି। ଆଶା କରାଯାଉଥିବା ମୂଲ୍ୟବୋଧ ପାଇଁ **ଛଅଗୋଟି** ପଦକ୍ଷେପର ସୂଚୀ ତିଆରି କରି କାର୍ଯ୍ୟାଳୟର ନୋଟିସ୍‌ବୋର୍ଡରେ ଲଗାଅ।

**29.** Write any *eight* ways to prevent accidents at home from slippage. 4

ଘରେ ଖସି ପଡିଯିବା ହେତୁ ହେଉଥିବା ଦୁର୍ଘଟଣାର ପ୍ରତିରୋଧ ପାଇଁ ଯେକୌଣସି **ଆଠଗୋଟି** ଉପାୟର ବର୍ଣ୍ଣନା କର।

**30.** Compare baking and roasting methods of cooking foods. 4

ଖାଦ୍ୟ ତିଆରିରେ 'ସେକିବା ଓ ପୋଡିବା' ରୋଷେଇ ପଦ୍ଧତିର ତୁଳନା କର।

**31.** Your niece is born on 15th January, 2023. Make an immunization schedule for her for one year so that she can have a strong immunity. 4

ତୁମର ଭାଣିଜୀ 15 ଜାନୁଆରୀ, 2023ରେ ଜନ୍ମଗ୍ରହଣ କରିଅଛି। ତା ନିମିତ୍ତ ଏକ ବର୍ଷ ପାଇଁ ଟୀକାକରଣର ସାରଣୀ ପ୍ରସ୍ତୁତ କର, ଯେମିତିକି ତା'ର ରୋଗ ପ୍ରତିରୋଧକ ଶକ୍ତି ମଜବୁତ ଓ ଶକ୍ତିଶାଳୀ ହେବ।

**32.** Your society has been awarded as the best organization working towards preventing air pollution. Make people aware of at least *four* efforts made by them to encourage them to adopt similar practices. 4

ଆପଣଙ୍କ ସମାଜକୁ ବାୟୁ ପ୍ରଦୂଷଣ ରୋଧ କରିବାରେ ସକ୍ରିୟ ଭୂମିକା ପାଇଁ ସର୍ବଶ୍ରେଷ୍ଠ ସଂସ୍ଥା ଭାବେ ସମ୍ମାନିତ କରାଯାଇଅଛି। ଜନସାଧାରଣଙ୍କୁ ସମାନ ପ୍ରଥା ଅବଲମ୍ବନ କରିବା ପାଇଁ ଉତ୍ସାହିତ କରିବାକୁ ଆପଣଙ୍କ ସମାଜ ଆପଣାଇଥିବା ଅତିକମ୍‌ରେ **ଚାରୋଟି** ପ୍ରୟାସ ବିଷୟରେ ଅବଗତ କରାଅ।

**33.** What *eight* precautions should you adopt while removing stains from delicate and expensive garments? 4

ସୂକ୍ଷ୍ମ ଓ ମୂଲ୍ୟବାନ ବସ୍ତ୍ର ଉପରୁ ଦାଗ ଛଡାଇବା ସମୟରେ ତୁମକୁ କେଉଁ **ଆଠଟି** ସତର୍କତା ଅବଲମ୍ବନ କରିବା ଉଚିତ?

**34.** In what *eight* ways can your mother save her energy while washing clothes? 4

ଲୁଗା ଧୋଇବା ସମୟରେ ତୁମର ମା କେଉଁ **ଆଠଟି** ଉପାୟରେ ତାଙ୍କର ଶକ୍ତି ସଞ୍ଚୟ କରିପାରିବେ?

**35.** *(a)* Write any *two* differences between growth and development.

*(b)* Development follows a fixed sequence. Support this statement with the help of *two* examples. 4

*(a)* ବୃଦ୍ଧି ଓ ବିକାଶ ମଧ୍ୟରେ ଯେକୌଣସି **ଦୁଇଟି** ପାର୍ଥକ୍ୟ ଦର୍ଶାଅ।

*(b)* ବିକାଶ ଗୋଟିଏ ନିର୍ଦ୍ଦିଷ୍ଟ କ୍ରମ ଅନୁସରଣ କରେ। **ଦୁଇଟି** ଉଦାହରଣସହ ଏହି ଉକ୍ତିର ସମର୍ଥନ କର।

**36.** Geeta is cooking vegetable of Methi and Carrot. Tell any *eight* reasons its nutrients may get destroyed. 4

ଗୀତା ମେଥି ଓ ଗାଜରର ତରକାରୀ ତିଆରି କରୁଛନ୍ତି। ତା'ର ପୁଷ୍ଟିକର ତତ୍ତ୍ୱ ନଷ୍ଟ ହେବାର ଯେକୌଣସି **ଆଠଗୋଟି** କାରଣ ଦର୍ଶାଅ।

★ ★ ★